

# ଆମ ଗାଈ ଛୁଆ ଦେଲା

ଅଭିଲାଷା ରାଜୌରିୟା

ଚିତ୍ର- ରମେଶ ହେଁଗାଡ଼ି
ସଂକେତ ପେଠକର
ଅଲଂକରଣ- ସୌମିତ୍ର ରାଣ୍ଡେ
ଓଡ଼ିଆ ଅନୁବାଦ- ଦାଶ ବେନହୁର

IDC, IIT BOMBAY
ଏକଲବ୍ୟ





# ଆମ ଗାଈ ଛୁଆ ଦେଲା

ଅଭିଳାଷା ରାଜୌରିୟା

ଚିତ୍ର- ରମେଶ ହେଁଗାଡ଼ି

ସଂକେତ ପେଠକର

ଅଳଂକରଣ- ସୌମିତ୍ର ରାଣ୍ଡେ

ଓଡ଼ିଆ ଅନୁବାଦ- ଦାଶ ବେନହୁର

IDC, IIT BOMBAY

ଏକଲବ୍ୟ




ଆଜି ସକାଳ ଚାରିଟାବେଳୁ ହିଁ ମା'ଙ୍କର ଏଠୁ ସେଠା ଯିବା ଆସିବା ସହ କିଛି କିଛି ଖଟର ପଟର ଲାଗିଥିଲା । ମୋର ନିଦ ଭାଙ୍ଗିଯାଇଥିଲା, ହେଲେ ମୁଁ ତ ନିପଟ ଅଳସେଇଟା ! ରେଜେଇରେ ମୁହଁ ଘୋଡ଼େଇ ସେଇମିତି ଶୋଇଥାଏ ।

ପଚାରିଲିନି ଯେ "ମା' ତୁମେ ଏତେ ଜଲ୍‌ଦି କାହିଁକି ଉଠି ପଡ଼ିଚ !" ଡର ମାଡ଼ିଲା, ପଚାରିଲେ କାଳେ ମତେ କେଉଁ କାମରେ ଲଗେଇଦେବେ ।



ଠିକ୍ ପାଞ୍ଚଟାବେଳେ ମୋ ସାନ ଭଉଣୀ ପ୍ରିୟଙ୍କା ଶେଯରେ ମା’ଙ୍କୁ ପାଖରେ ନ ଦେଖି କାନ୍ଦିବାକୁ ଲାଗିଲା । ତା’ ଶବ୍ଦ ଶୁଣି ମା’ ତା’କୁ ବୁଝେଇ କହିଲେ, “ମାଆ ପ୍ରିୟଙ୍କା, ଆମ ଘରକୁ ଆଜି ଗୋଟେ କୁନି ଛୁଆ ଆସିଛି ।”



“ସତକଥା ମା’”, ଏତିକି କହି ଡିଆଁଟାଏ ମାରି ମୁଁ ଶେଯରୁ ଉଠିପଡ଼ିଲି ।
ମାଆ କହିଲେ, “ହଁ ସତକଥା ! ତୁ ପ୍ରିୟଙ୍କାକୁ ଧରି ଆ’ । ମୁଁ ଟିକେ
ଗରମ ପାଣି କରିଦିଏ ।





ଯେଉଁଠି ଗାଈ ବନ୍ଧା ହୋଇଥିଲା, ଆମେ ଦୁଇ ଭଉଣୀ ସେଠାରେ ପହଞ୍ଚିଗଲୁ । କୁନି ବାଛୁରୀଟା ସେଇଠି ସାମନାରେ ଠିଆ ହୋଇଥିଲା । ତା' ମାଆ ତାକୁ ଚାଟି ଚାଟି ସଫା କରୁଥାଏ । ଏଇ ସମୟରେ ମୋର ସାନ ଭାଈ ନୀତେଶ ଉଠିପଡ଼ିଲା ।

ଆମେ ତିନିଜଣ ଭାବିବାକୁ ଲାଗିଲୁ କୁନି ବାଛୁରୀକୁ କେମିତି ପାଖକୁ ଆଣିବୁ । ଗାଈଟା ଆମକୁ ଦେଖି ମାରି ଗୋଡ଼ାଉଥାଏ । ନୀତେଶ କହିଲା, "ଦିଦି, ଆମ ନନ୍ଦା ତ କେବେ ମାରଣା ନୁହେଁ । ଆଜି ଏମିତି ଫୁଁ ଫୁଁ କାହିଁକି ହେଉଛି ?"





ଏତିକିବେଳେ ବାପା ମୁହଁ ହାତ ଧୋଇ ଆସିଗଲେ । ସିଏ ମଧ୍ୟ ତିନିଟା ଚାରିଟା ବେଲୁ କାମରେ ଲାଗିଥିଲେ । ଆମକୁ ସେଠି ଦେଖି ସେ ଖୁବ୍ ଖୁସି ହେଲେ । କହିଲେ, "କ'ଣ ପିଲେ, ଆମ ଘରକୁ କିଏ ଆସିଚି ?"

ନୀତେଶ ପଚାରିଲା, “ବାପା ଆଜି ନନ୍ଦା ଏମିତି ମାରିବାକୁ ଗୋଡ଼ାଉଛି କାହିଁକି ?”
ବାପା କହିଲେ, “ଗାଈର ତା’ ଛୁଆ ପ୍ରତି ଭାରି ଆଦର । ସେ ଭାବୁଛି ଏମାନେ
ମୋ ଛୁଆକୁ ମାରିବେନି ତ ! ସେଥିପାଇଁ ସେ ପାଖକୁ ଆସିବାକୁ ଦେଉନି !”





ମୁଁ କହିଲି, "ଆଛା ବାପା, ଆଜି ମଙ୍ଗଳବାର ନା ?"
ବାପା କହିଲେ, "ହଁ ଯେ' କାହିଁକି ପଚାରୁଛୁ ?"
"ତା' ହେଲେ ବାପା, ଆମେ କୁନି ବାଛୁରୀର ନାଆଁ ମଙ୍ଗଳା
କାହିଁକି ରଖିବାନି ?", ମୁଁ କହିଲି ।

ଏ କଥା ଶୁଣି ବାପା ବଡ଼ ଖୁସି ହୋଇଗଲେ । ମାଆଙ୍କୁ କହିଲେ,
"ଦେଖ ପିଲାମାନେ ବାଛୁରୀର ନାମକରଣ ବି କରି ଦେଲେଣି । ଏଇ
ଖୁସିରେ ଚା'ଟିକେ ଦିଅ । ଚାରିଘଣ୍ଟା ହେଲାଣି କାମ ଲାଗିଚି ।"
ଏ କଥା ଶୁଣୁ ଶୁଣୁ ମାଆ ଚା' କପ୍ ଧରି ହାଜର ହୋଇଗଲେ ।





ଭିତରକୁ ଯାଅ ବୋଲି କହି ମୁହଁ ହାତ
ଧୋଇ କ୍ଷୀର ପିଇବାକୁ ତାଗିଦ୍ କରି
ଜଣେଇ ଦେଲେ ମା' ।



ଖୀର ପିଇ ଆମେ ସବୁ ପୁଣି ଗାଈ
ପାଖକୁ ଧାଇଁ ଆସିଲୁ । ଆଉ କୁଆଡ଼େ
ମନ ଲାଗୁ ନ ଥାଏ ।

ଏ ଭିତରେ ମଙ୍ଗଳା ପରିଷ୍କାର ହୋଇ ଅଗଣାରେ ଯାଇ ଶୋଇଥିଲା । ଭାଇ ଭଉଣୀ ତିନିଜଣ ତା’ ଦେହରେ ହାତ ବୁଲେଇ ମଜା କରୁଥାଉ ।





ଏଇ ସମୟରେ ପ୍ରିୟଙ୍କା କ’ଣ କଲା ନା ହାତରେ ମୁଠେ କୁଣ୍ଡା ଆଣି ତା’ ମୁହଁ ପାଖରେ ଦେଖେଇଲା । କହୁଥାଏ, “ମଙ୍ଗଲା, ଖାଇଦେ । ତତେ କ’ଣ ଭୋକ ଲାଗୁନି କି ?”

ମା’ ବୁଝେଇଲେ, “ଧନରେ ସିଏ ଏବେ
ଖାଲି ମା’ କ୍ଷୀର ଖାଉଛି । ବହୁତ ଛୋଟ ତ !
ସେଇଥିପାଇଁ ସେ କୁଣ୍ଡା ଖାଇପାରିବିନି ।”





ସ୍କୁଲ୍ ଯିବା ପାଇଁ ଆମର ମନ ହେଉ ନ ଥାଏ । ମାତ୍ର କରିବୁ କ'ଣ ? ଷାଣ୍ମାସିକ ପରୀକ୍ଷା ପାଖେଇ ଆସୁଥାଏ ।



ମା' ଯେତେବେଳେ ବୁଝେଇ ଦେଲେ ମନମାରି ସମସ୍ତେ ସ୍କୁଲ ଚାଲିଗଲୁ ।




ସେ ଦିନ ସ୍କୁଲ୍‌ରେ ମୋତେ ମନ ଲାଗିଲାନି ।



ଉପରବେଳା ଆସିବା ମାତ୍ରେ ଟେବୁଲ ଉପରେ ବସ୍ତାନି
ରଖି ଦେଇ ସମସ୍ତେ ଧାଇଁଲୁ ମଙ୍ଗଳା ପାଖକୁ ।



ଏବେ ମଙ୍ଗଳା ସକାଳର ମଙ୍ଗଳା ହୋଇ ଆଉ ନ ଥିଲା । ତା’
ଦେହରେ ହାତ ଦେଉ ଦେଉ ସେ ଧଡ଼ପଡ଼ ହୋଇ ଉଠିପଡ଼ିଲା ।
ତା’ ପରେ ଏଣେ ତେଣେ ଦଉଡ଼ିବା ଆରମ୍ଭ କରିଦେଲା ।



ରାତି ଯାଏ ଆମେ ସବୁ ତା’ ପଛରେ ଲାଗିଥାଉ । ବାପା, ମା’ ବାରମ୍ବାର ତାଗିଦ୍ କରିବାରୁ ଯାଇ ଶୋଇଲୁ । ସେ ଦିନଟି ଏଇଭଳି ଥିଲା, ଯେଉଁ ଦିନ ଆମ ନନ୍ଦା ଗାଈ ଛୁଆ ଜନମ କରିଥିଲା ।



ଆଜି ସକାଳ ଚାରିଟାବେଳୁ ହିଁ ମା'ଙ୍କର ଏଠୁ ସେଠା ଯିବା ଆସିବା ସହ କିଛି କିଛି ଖଟର ପଟର ଲାଗିଥିଲା । ମୋର ନିଦ ଭାଙ୍ଗିଯାଇଥିଲା, ହେଲେ ମୁଁ ତ ନିପଟ ଅଳସେଇଟା ! ରେଜେଇରେ ମୁହଁ ଘୋଡ଼େଇ ସେଇମିତି ଶୋଇଥାଏ । ପଚାରିଲିନି ଯେ "ମା' ତୁମେ ଏତେ ଜଲ୍‌ଦି କାହିଁକି ଉଠି ପଡ଼ିଚ !" ଡର ମାଡ଼ିଲା, ପଚାରିଲେ କାଳେ ମତେ କେଉଁ କାମରେ ଲଗେଇଦେବେ ।

ଠିକ୍ ପାଞ୍ଚଟାବେଳେ ମୋ ସାନ ଭଉଣୀ ପ୍ରିୟଙ୍କା ଶେଯରେ ମା'ଙ୍କୁ ପାଖରେ ନ ଦେଖି କାନ୍ଦିବାକୁ ଲାଗିଲା । ତା' ଶବ୍ଦ ଶୁଣି ମା' ତା'କୁ ବୁଝେଇ କହିଲେ, "ମାଆ ପ୍ରିୟଙ୍କା, ଆମ ଘରକୁ ଆଜି ଗୋଟେ କୁନି ଛୁଆ ଆସିଛି ।"

"ସତକଥା ମା'", ଏତିକି କହି ଡିଆଁଟାଏ ମାରି ମୁଁ ଶେଯରୁ ଉଠିପଡ଼ିଲି ।
ମାଆ କହିଲେ, "ହଁ ସତକଥା ! ତୁ ପ୍ରିୟଙ୍କାକୁ ଧରି ଆ' । ମୁଁ ଟିକେ ଗରମ ପାଣି କରିଦିଏ ।

ଯେଉଁଠି ଗାଈ ବନ୍ଧା ହୋଇଥିଲା, ଆମେ ଦୁଇ ଭଉଣୀ ସେଠାରେ ପହଞ୍ଚିଗଲୁ । କୁନି ବାଛୁରୀଟା ସେଇଠି ସାମନାରେ ଠିଆ ହୋଇଥିଲା । ତା' ମାଆ ତାକୁ ଚାଟି ଚାଟି ସଫା କରୁଥାଏ । ଏଇ ସମୟରେ ମୋର ସାନ ଭାଇ ନୀତେଶ ଉଠିପଡ଼ିଲା ।

ଆମେ ତିନିଜଣ ଭାବିବାକୁ ଲାଗିଲୁ କୁନି ବାଛୁରୀକୁ କେମିତି ପାଖକୁ ଆଣିବୁ । ଗାଈଟା ଆମକୁ ଦେଖି ମାରି ଗୋଡ଼ାଉଥାଏ । ନୀତେଶ କହିଲା, "ଦିଦି, ଆମ ନନ୍ଦା ତ କେବେ ମାରଣା ନୁହେଁ । ଆଜି ଏମିତି ଫୁଁ ଫୁଁ କାହିଁକି ହେଉଛି ?"

ଏତିକିବେଳେ ବାପା ମୁହଁ ହାତ ଧୋଇ ଆସିଗଲେ । ସିଏ ମଧ୍ୟ ତିନିଟା ଚାରିଟା ବେଳୁ କାମରେ ଲାଗିଥିଲେ । ଆମକୁ ସେଠି ଦେଖି ସେ ଖୁବ୍ ଖୁସି ହେଲେ । କହିଲେ, "କ'ଣ ପିଲେ, ଆମ ଘରକୁ କିଏ ଆସିଚି ?"

ନୀତେଶ ପଚାରିଲା, "ବାପା ଆଜି ନନ୍ଦା ଏମିତି ମାରିବାକୁ ଗୋଡ଼ାଉଛି କାହିଁକି ?"
ବାପା କହିଲେ, "ଗାଈର ତା' ଛୁଆ ପ୍ରତି ଭାରି ଆଦର । ସେ ଭାବୁଛି ଏମାନେ ମୋ ଛୁଆକୁ ମାରିବେନି ତ ! ସେଥିପାଇଁ ସେ ପାଖକୁ ଆସିବାକୁ ଦେଉନି !"

ମୁଁ କହିଲି, "ଆଜ୍ଞା ବାପା, ଆଜି ମଙ୍ଗଳବାର ନା ?"
ବାପା କହିଲେ, "ହଁ ଯେ' କାହିଁକି ପଚାରୁଛୁ ?"
"ତା' ହେଲେ ବାପା, ଆମେ କୁନି ବାଛୁରୀର ନାଆଁ ମଙ୍ଗଳା କାହିଁକି ରଖିବାନି ?", ମୁଁ କହିଲି ।

ଏ କଥା ଶୁଣି ବାପା ବଡ଼ ଖୁସି ହୋଇଗଲେ । ମାଆଙ୍କୁ କହିଲେ, "ଦେଖ ପିଲାମାନେ ବାଛୁରୀର ନାମକରଣ ବି କରି ଦେଲେଣି । ଏଇ ଖୁସିରେ ଚା'ଟିକେ ଦିଅ । ଚାରିଘଣ୍ଟା ହେଲାଣି କାମ ଲାଗିଚି ।"
ଏ କଥା ଶୁଣୁ ଶୁଣୁ ମାଆ ଚା' କପ୍ ଧରି ହାଜର ହୋଇଗଲେ ।
ଭିତରକୁ ଯାଅ ବୋଲି କହି ମୁହଁ ହାତ ଧୋଇ କ୍ଷୀର ପିଇବାକୁ ତାଗିଦ୍ କରି ଜଣେଇ ଦେଲେ ମା' ।

ଖୀର ପିଇ ଆମେ ସବୁ ପୁଣି ଗାଈ ପାଖକୁ ଧାଇଁ ଆସିଲୁ । ଆଉ କୁଆଡ଼େ ମନ ଲାଗୁ ନ ଥାଏ ।

ଏ ଭିତରେ ମଙ୍ଗଳା ପରିଷ୍କାର ହୋଇ ଅଗଣାରେ ଯାଇ ଶୋଇଥିଲା । ଭାଇ ଭଉଣୀ ତିନିଜଣ ତା' ଦେହରେ ହାତ ବୁଲେଇ ମଜା କରୁଥାଉ ।

ଏଇ ସମୟରେ ପ୍ରିୟଙ୍କା କ'ଣ କଲା ନା ହାତରେ ମୁଠେ କୁଣ୍ଡା ଆଣି ତା' ମୁହଁ ପାଖରେ ଦେଖେଇଲା । କହୁଥାଏ, "ମଙ୍ଗଳା, ଖାଇଦେ । ତତେ କ'ଣ ଭୋକ ଲାଗୁନି କି ?"

ମା' ବୁଝେଇଲେ, "ଧନରେ ସିଏ ଏବେ ଖାଲି ମା' କ୍ଷୀର ଖାଉଛି । ବହୁତ ଛୋଟ ତ ! ସେଇଥିପାଇଁ ସେ କୁଣ୍ଡା ଖାଇପାରିବିନି ।"

ସ୍କୁଲ୍ ଯିବା ପାଇଁ ଆମର ମନ ହେଉ ନ ଥାଏ । ମାତ୍ର କରିବୁ କ'ଣ ? ଷାଣ୍ମାସିକ ପରୀକ୍ଷା ପାଖେଇ ଆସୁଥାଏ ।

ମା' ଯେତେବେଳେ ବୁଝେଇ ଦେଲେ ମନମାରି ସମସ୍ତେ ସ୍କୁଲ ଚାଲିଗଲୁ ।

ସେ ଦିନ ସ୍କୁଲ୍‌ରେ ମୋତେ ମନ ଲାଗିଲାନି ।

ଉପରବେଳା ଆସିବା ମାତ୍ରେ ଟେବୁଲ ଉପରେ ବସ୍ତାନି ରଖି ଦେଇ ସମସ୍ତେ ଧାଇଁଲୁ ମଙ୍ଗଳା ପାଖକୁ ।

ଏବେ ମଙ୍ଗଳା ସକାଳର ମଙ୍ଗଳା ହୋଇ ଆଉ ନ ଥିଲା । ତା' ଦେହରେ ହାତ ଦେଉ ଦେଉ ସେ ଧଡ଼ପଡ଼ ହୋଇ ଉଠିପଡ଼ିଲା । ତା' ପରେ ଏଣେ ତେଣେ ଦଉଡ଼ିବା ଆରମ୍ଭ କରିଦେଲା ।

ରାତି ଯାଏ ଆମେ ସବୁ ତା' ପଛରେ ଲାଗିଥାଉ । ବାପା, ମା' ବାରମ୍ବାର ତାଗିଦ୍ କରିବାରୁ ଯାଇ ଶୋଇଲୁ । ସେ ଦିନଟି ଏଇଭଳି ଥିଲା, ଯେଉଁ ଦିନ ଆମ ନନ୍ଦା ଗାଈ ଛୁଆ ଜନମ କରିଥିଲା ।



# ଆମ ଗାଈ ଛୁଆ ଦେଲା

## HAMARI GAI JANI

Story: Abhilasha Rajoriya, Pipariya MP
(Chakmak November, 1985 Published)
Illustrations: Ramesh Hengadi, Sanket Pethkar
Book Design: Soumitra Rande
Translated by:

© Eklavya
Any part of this book can be used for non-commercial educational purposes under a similar copyleft notification. Please mention this book as the source and inform Eklavya. For any other kind of permission contact the author through Eklavya.

April 2018 / 1500 copies
Paper: 100 gsm Maplitho and 210 gsm Paper board (Cover)
ISBN: 978-93-87926-06-6
Price: ₹ 112.00

This Oriya translation is supported by the Parag Initiative of Tata Trusts.

Published by:
**EKLAVYA**
E-10, Shankar Nagar BDA Colony
Shivaji Nagar, Bhopal- 462 016
Phone: +91 755 255 0976, 267 1017
www.eklavya.in / books@eklavya.in

Printed at: R. K. Secuprint P. Ltd. , Bhopal,
Phone +91 755 268 7589





IDC, IIT BOMBAY

एकलव्य

parag


Price: ₹ 112.00

9 789387 926066